# ଶ୍ରେଣୀ – ୪ର୍ଥ

## ୨୦୨୬–୨୦୨୭

## ପ୍ରଶ୍ନ ଭଣ୍ଡାର ରୂପ ରେଖା

## (ବିଷୟ : ମାତୃଭାଷା ଓ ସାହିତ୍ୟ)

### ପାଠ – ୧ – (ଆହେ ଦୟାମୟ ବିଶ୍ୱବିହାରୀ)

**୧. ଉତ୍ତର ଲେଖ**

କ. ତୁମେ କାହାକୁ ଗୁହାରି କରୁଛ ?

ଉ. ଆମେ ଈଶ୍ୱରଙ୍କୁ ଗୁହାରି କରୁଛୁ ।

ଖ. ଈଶ୍ୱର ତୁମକୁ ବିପଦରେ କ'ଣ କରନ୍ତି ?

ଉ. ବିପଦ ବେଳେ ଈଶ୍ୱର ଆମକୁ ସାହସ, ଶକ୍ତି ଓ ଭଲ ବୁଦ୍ଧି ଦେଇ ସାହାଯ୍ୟ କରନ୍ତି ।

ଗ. ତୁମେ କାହାର ସେବା କରିବ ବୋଲି କହୁଛ ?

ଉ. ଆମେ ସଦା ଦୁଃଖି, ଅସହାୟ ମାନଙ୍କର ସେବା କରିବା ।

ଘ. ତୁମେ କ'ଣ ପାଇଁ ମରିବ ବୋଲି କହୁଛ ?

ଉ. ଆମେ ସଦା ମିଛ କଥାକୁ ଆଦର ନ କରି ସତ କହି ପଛେ ମରିବୁ ।

ଙ. ତୁମେ କାହାକୁ ଦୂରରୁ ଜୁହାର ହେଉଛ ?

ଉ. କୂଟ କପଟ ସ୍ୱଭାବ ଯାହାର ଥାଏ, ଆମେ ତାଙ୍କ ସାଥିରେ ନ ମିଶି ଦୂରରୁ ଜୁହାର କରିବା ।

ଚ. ଧନଜନ ନ ମାଗି ଈଶ୍ୱରଙ୍କୁ କ'ଣ ମଗାଯାଇଅଛି ?

ଉ. କବିତାଟିରେ ଧନ ଜନ ନ ମାଗି, ଈଶ୍ୱରଙ୍କୁ ଜ୍ଞାନ, ବୁଦ୍ଧି, ସାହସ, ଶକ୍ତି, ମୁଖରେ ହରଷ, ସେବା କରିବା ମନୋଭାବ ଓ ସତ କହିବାକୁ ମଗାଯାଇଅଛି ।

**୨. ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ ।**

| | | |
|---|---|---|
| କ. ହାତ – କର | ଖ. ପାହାଡ଼ – ଗିରି | ଗ. ନମସ୍କାର – ଜୁହାର |
| ଘ. ପାଣି – ଜଳ | ଙ. ରାସ୍ତା – ବାଟ | ଚ. ପୃଥିବୀ – ସ୍ଥଳ |
| ଛ. ଜଙ୍ଗଲ – ବନ | ଜ. କଷ୍ଟ – କଷଣ | ଝ. ଚରଣ – ପାଦ |

**୩. ଶୂନ୍ୟସ୍ଥାନ ପୂରଣ କର**

କ. ମୋର ମୁଖେ ଦିଅବର <u>ହରଷ</u>

ଖ. ସଦା ରଖ <u>ସାଧୁଜନ</u> କତିରେ

ଗ. <u>ଦୁଃଖି ଅରିକ୍ଷିତ</u> ସେବା କାରଣେ

ଘ. ମୋତେ ଏତିକି <u>ଶିଖାଅ ସାଇଁ</u>

**୪. ବାକ୍ୟ ଗଠନ କର । (ନିଜ ବାକ୍ୟରେ ଲେଖିପାରିବ) ଉପଯୁକ୍ତ**

ଆକାଶ – ଆକାଶ ବୁକୁରେ ପକ୍ଷୀମାନେ ଆନନ୍ଦରେ ଉଡ଼ି ଯାଆନ୍ତି ।

ହରଷ – ଫୁଲ ବଗିଚା ଦେଖିଲେ ମନ ହରଷ ହୋଇଯାଏ ।

ଜୁହାର – ଆମେ ଗୁରୁଜନଙ୍କୁ ଜୁହାର କରୁ ।

ଭୂଷଣ – ସତ୍ୟ ମୋ’ ଜୀବନର ଭୂଷଣ ।

ବଳ – ମନରେ ବଳ ଥିଲେ ସବୁ କଠିନ କାମ କରି ହେବ ।

**୫. ଶବ୍ଦଗୁଡ଼ିକୁ ଗଦ୍ୟରେ ଲେଖ ।**

ଭକତି – ଭକ୍ତି ଶକତି – ଶକ୍ତି ମୁକତି – ମୁକ୍ତି

**୬. ଯେପରି ‘‘ଜଳସ୍ଥଳ’’ ସେହିପରି ଦିଆଯାଇଥିବା ତଳ ଲିଖିତ ଶବ୍ଦଗୁଡ଼ିକୁ କିପରି ଲେଖିବ ।**

ଆକାଶ – ପାତାଳ ବିପଦ – ସମ୍ପଦ କପଟ – ନିଷ୍କପଟ

କର – ପାଦ ସତ – ମିଛ ଧନ – ନିର୍ଦ୍ଧନ ।

**୭. ଯିଏ ସତ କହେ – ସେ ସତିଆ (ଏକ ପଦରେ ପ୍ରକାଶ କର) ସେହିପରି**

କ. ଯିଏ ସତ କହେ – ସତୁଆ

ଖ. ଯିଏ ମିଛ କହେ – ମିଛୁଆ

ଗ. ଯିଏ ଖଚ କହେ – ଖଚୁଆ

## ପାଠ – ୨ – (ଆରୁଣି)

**୧. ପ୍ରଶ୍ନ ଗୁଡ଼ିକର ଉତ୍ତର ଲେଖ**

କ. ପୁରା କାଳରେ କେଉଁଠି ପାଠ ପଢ଼ା ହେଉଥିଲା ?

ଉ. ପୁରା କାଳରେ ଗୁରୁଙ୍କର ଆଶ୍ରମରେ ପାଠପଢ଼ା ହେଉଥିଲା ।

ଖ. ଋଷି ଆଶ୍ରମ କେଉଁଠାରେ ଥିଲା ?

ଉ. ଋଷିଙ୍କର ଆଶ୍ରମ ଜଙ୍ଗଲରେ ଥିଲା ।

ଗ. ଶିଷ୍ୟ କାହାକୁ କୁହାଯାଏ ?

ଉ. ଗୁରୁଙ୍କ ଆଶ୍ରମରେ ରହି ପାଠ ପଢୁଥିବା ପିଲାଙ୍କୁ ଶିଷ୍ୟ କୁହାଯାଏ ।

ଘ. ଆଶ୍ରମରେ ଶିଷ୍ୟମାନେ କ’ଣ କରୁଥିଲେ ?

ଉ. ଆଶ୍ରମରେ ପିଲାମାନେ ରହି ବିଦ୍ୟା ଅର୍ଜନ କରୁଥିଲେ ।

ଙ. ଆରୁଣି କିଏ ?

ଉ. ଆରୁଣୀ ଧୌମ୍ୟ ଗୁରୁଙ୍କର ଜଣେ ଆଜ୍ଞାବହ ଶିଷ୍ୟ ଥିଲେ ।

ଚ.　ଧୌମ୍ୟ ଋଷି କାହିଁକି ବିଲକୁ ଗଲେ ?

ଉ.　ସୂର୍ଯ୍ୟ ବୁଡ଼ିଗଲା ପରେ ମଧ ଶିଷ୍ୟ ଆରୁଣି ବିଲରୁ ଆଶ୍ରମକୁ ଫେରି ନ ଥିବାରୁ ଋଷି ଧୌମ୍ୟ ବିଲକୁ ଗଲେ ।

ଛ.　ଋଷି ବିଲରେ କ'ଣ ଦେଖିଲେ ?

ଉ.　ଋଷି ବିଲରେ ଯାଇ ଦେଖିଲେ ଯେ, ଆରୁଣୀ ବିଲରେ ହିଡ଼ଉପରେ ଶୋଇ ପାଣିକୁ ଅଟକାଉଛି ।

**୨.　ଖାଳି ଯାଗା ପୂରଣ କର**

କ.　ପୂରା କାଳରେ <u>ସ୍କୁଲ</u> ନ ଥିଲା ।

ଖ.　ସେ <u>ଆଶ୍ରମ</u> ରେ ରହି ପଢୁଥିଲେ ।

ଗ.　<u>ଆରୁଣି</u> ନାମରେ ଜଣେ <u>ଶିଷ୍ୟ</u> ଥିଲେ ।

ଘ.　ପାଣି ମୁହଁରେ <u>ବନ୍ଧ</u> ପରି ଶୋଇ ପଡ଼ିଲା ।

ଙ.　ତୁମର <u>ଗୁରୁଭକ୍ତି</u> ଯୁଗ ଯୁଗ ଧରି <u>ଆଦର୍ଶ</u> ହୋଇ ରହିବ ।

**୩.　ବିପରୀତ ଶବ୍ଦ ଲେଖ । (ଯେପରି ଗରୁ – ଶିଷ୍ୟ) ସେହିପରି ।**

ଶିକ୍ଷକ – ଶିକ୍ଷୟିତ୍ରୀ　　　ବାପା – ମାଆ　　　ମା' – ବାପା

**୪.　ତୁମର ଗୁରୁ ଭକ୍ତି ଯୁଗ ଯୁଗ ଧରି ଆଦର୍ଶ ହୋଇ ରହିବ – ଏ କଥା କିଏ କାହାକୁ କହିଥିଲେ ?**

ଉ.　ଗୁରୁ ଧୌମ୍ୟ, ଶିଷ୍ୟ ଆରୁଣିକୁ କହିଛନ୍ତି ।

**୫.　ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର ।**

ଆଶ୍ରମ – ଗୁରୁଜୀଙ୍କ ଆଶ୍ରମରେ ଶାନ୍ତିମୟ ପରିବେଶ ରହିଛି ।

କୁଡ଼ିଆ – ଗାଁରେ ଗରିବ ଲୋକମାନେ କୁଡ଼ିଆରେ ରୁହନ୍ତି ।

ଶିଷ୍ୟ – ଭଲ ଶିଷ୍ୟ ସଦା ଗୁରୁଙ୍କ କଥାମାନେ ।

ହିଡ଼ – ଚାଷି ହିଡ଼ରେ ଧାନ ଚାଷ କରେ ।

ସୁଅ – ବର୍ଷା ହେଲେ ପାଣିର ସୁଅ ମାଟିରେ ମିଶିଯାଏ ।

ଆଦର୍ଶ – ଆମେ ମହାନ ବ୍ୟକ୍ତିଙ୍କୁ ଆଦର୍ଶ ଭାବେ ଗ୍ରହଣ କରିବା ଉଚିତ୍ ।

## ପାଠ – ୩ – (ବଗ ଦେହ ଧଳା କାହିଁକି)

**୧.　ପ୍ରଶ୍ନ ଗୁଡ଼ିକର ଉତ୍ତର ଲେଖ**

କ.　ରାମଚନ୍ଦ୍ର ଅଯୋଧାର ରାଜା ହେଲେ ନାହିଁ କାହିଁକି ?

ଉ.　ରାମଚନ୍ଦ୍ର ପିତୃସତ୍ୟ ପାଳି ଚଉଦ ବର୍ଷ ବନବାସରେ ଯାଇଥିବାରୁ ସେ ଆଯୋଧାର ରାଜା ହେଲେ ନାହିଁ ।

ଖ.　ରାଜାଙ୍କ ସହିତ ଆଉ କିଏ ପଞ୍ଚବଟୀରେ ରହୁଥିଲେ ?

ଉ.　ରାମଙ୍କ ସହିତ ତାଙ୍କର ଅନୁଜ ଲକ୍ଷ୍ମଣ ଓ ସୀତା ପଞ୍ଚବଟୀରେ, ରହୁଥିଲେ ।

ଗ. ଲଙ୍କାର ରାଜା କିଏ ଥିଲେ ?

ଉ. ଲଙ୍କାର ରାଜା ରାବଣ ଥିଲେ ।

ଘ. ରାବଣ ସୀତାଙ୍କୁ କେଉଁ ଯାନରେ ନେଇଗଲା ?

ଉ. ରାବଣ ସୀତାଙ୍କୁ ପୁଷ୍ପକ ବିମାନ ଯାନରେ ବସାଇ ନେଇଗଲା ।

ଙ. ସୀତା କାନ୍ଦିକାନ୍ଦି କ'ଣ କହୁଥିଲେ ?

ଉ. ସୀତା କାନ୍ଦି କାନ୍ଦି ବଣର ଗଛଲତା, ପଶୁପକ୍ଷୀମାନଙ୍କୁ ଡାକି କହୁଥିଲେ ତୁମେ ସମସ୍ତେ ସାକ୍ଷୀ ଥାଅ, ମୋତେ ଲଙ୍କାର ରାଜା ରାବଣ ଚୋରାଇ ନେଉଛି । ତୁମେ ରାମ ଓ ଲକ୍ଷ୍ମଣଙ୍କୁ ଏକଥା କହିବ ।

ଚ. ରାମ ଓ ଲକ୍ଷ୍ମଣ କୁଡ଼ିଆକୁ ଫେରି କ'ଣ ଦେଖିଲେ ?

ଉ. ରାମ ଓ ଲକ୍ଷ୍ମଣ କୁଡ଼ିଆକୁ ଫେରି ସୀତାଙ୍କୁ କୁଡ଼ିଆରେ ପାଇଲେ ନାହିଁ ।

ଛ. କିଏ ରାମ ଚନ୍ଦ୍ରଙ୍କୁ ସୀତାଙ୍କ ଖବର ଦେଲା ?

ଉ. ବଗ ରାମଚନ୍ଦ୍ରଙ୍କୁ ଖବର ଦେଲା ।

**୨. ଚିତ୍ର ଦେଖି ନାମ ଲେଖ ।**

କ. କାଉ　　ଖ. ମୟୂର　　ଗ. ହଂସ

ଘ. ବଗ　　ଙ. ଶୁଆ　　ଚ. ପାରା

ଛ. ଗଞ୍ଜା

**୩. ବାକ୍ୟଗଠନ କର ।**

ରାଜା – ଏହି ଗଳ୍ପରେ ଏକ ସାହସୀ ରାଜା ଥିଲେ ।

ଅନୁଜ – ମୋର ଅନୁଜ ବହୁତ ଭଲ ପଢ଼େ ।

ପୁଷ୍ପକ – ପୁଷ୍ପକ ରଥ ଆକାଶରେ ଉଡ଼େ ।

ପଞ୍ଚବଟୀ – ପଞ୍ଚବଟୀ ଏକ ସୁନ୍ଦର ବନ ଅଞ୍ଚଳ ।

ଶଙ୍କା – ଶିକ୍ଷକଙ୍କୁ ପ୍ରଶ୍ନ କରି ଛାତ୍ରମାନେ ନିଜ ଶଙ୍କା ଦୂର କଲେ ।

ଜଙ୍ଗଲ ତମାମ – ଶୀକାରୀକୁ ଦେଖି ଜଙ୍ଗଲ ତମାମ ପଶୁମାନେ ଲୁଚିଗଲେ ।

ଘରଣୀ – ମୋ' ମା' ଏକ ଆଦର୍ଶ ଘରଣୀ ।

ଅସୁର – ପିଲାମାନେ ଅସୁରମାନଙ୍କ ବିଷୟରେ କାହାଣୀ ଶୁଣିଲେ ।

ବରଦାନ – ପିତାମାତାଙ୍କ ଆଶୀର୍ବାଦ ପିଲାମାନଙ୍କ ପାଇଁ ବରଦାନ ଅଟେ ।

**୪. ଶବ୍ଦଗୁଡ଼ିକର ଅର୍ଥ ଲେଖ ।**

କ. ଅନୁଜ – ସାନ ଭାଇ

ଖ. ପଥ – ବାଟ

ଗ. ସ୍ୱରରେ – ବଡ଼ ପାଟିରେ

ଘ. ଲୋତକ – ଲୁହ

ଙ. ଆଖି – ନୟନ

ଚ. ହାଲିଆ – ଦୁର୍ବଳ

ଛ. ଦେହ – ଶରୀର

**୫. କଳା ଧଳା ପରି ଆଉ ଦୁଇଟି ଶବ୍ଦ**

କ. ଦିନ ରାତି

ଖ. ହସି ଖେଳି

**୬. ବଗ ପରି ଆଉ ୨ଟି ଧଳା ପକ୍ଷୀ**

କ. ବଗୁଲି

ଖ. ହଂସ

## ପାଠ – ୪ – (ମହାଶିକ୍ଷା ଦେଲୁ)

**୧. ପ୍ରଶ୍ନ ଗୁଡ଼ିକର ଉତ୍ତର ଲେଖ**

କ. ବନ କେଉଁଠି ପାଠ ପଢୁଛି ?

ଉ. ବନ ମାଇନର ସ୍କୁଲରେ ପାଠ ପଢୁଛି ।

ଖ. ସ୍କୁଲ ବଗିଚାରେ କ'ଣ ସବୁ ଲାଗିଥାଏ ?

ଉ. ସ୍କୁଲ ବଗିଚାରେ ବିଭିନ୍ନ ପନିପରିବା ଗଛ ଯଥା – ଭେଣ୍ଡି, ବାଇଗଣ, କଲରା, ମୂଳା, ଜହ୍ନି ଇତ୍ୟାଦି ପନିପରିବା ଗଛ ଲାଗିଥାଏ ।

ଗ. ପାଠୁଆ ପିଲା କାହିଁକି ବଗିଚା କାମ କରୁ ନ ଥିଲେ ?

ଉ. ପାଠୁଆ ପିଲାମାନେ ବଗିଚା କାମ କରୁ ନ ଥିଲେ କାରଣ ସେମାନେ ଭାବୁଥିଲେ ବଗିଚା କାମ କଲେ ତାଙ୍କୁ ସମସ୍ତେ ଛି ଛା କରିବେ ।

ଘ. ଗାନ୍ଧିଜୀ ନିଜ ହାତରେ କ'ଣ କରୁଥିଲେ ?

ଉ. ଗାନ୍ଧିଜୀ ନିଜ ହାତରେ ସବୁ କାମ କରୁଥିଲେ, ଏପରିକି ସେ ନିଜ ହାତରେ ପାଇଖାନା ସଫା ମଧ୍ୟ କରୁଥିଲେ ।

ଙ. କାହାକୁ ମଳିମୁଣ୍ଡିଆ ଲୋକ କୁହାଯାଏ ?

ଉ. ଯେଉଁ ମଳି ଲୋକ ମଜୁରୀ ନେଇ ବଗିଚାରେ କାମ କରେ, ତାକୁ ମଳିମୁଣ୍ଡିଆ ଲୋକ କୁ ପାଠରେ କୁହାଯାଇଅଛି ।

ଚ. ବଗିଚାରେ କିଏ କାମ କରେ ?

ଉ. ବଗିଚାରେ ମାଳୀ କିମ୍ବା ମୂଲିଆ କାମ କରେ ।

ଛ. ବାୟା ମୂଲିଆମାନଙ୍କୁ କିପରି ଠକେ ?

ଉ. ବାୟା ମୂଲିଆମାନଙ୍କୁ ବଗିଚାରେ କାମରେ ଲଗାଇ ଦେଇ ଚାଲିଯାଏ । ଦିନ ବାରଟା ବେଳକୁ ବଗିଚାକୁ ଯାଇ, କିଛି କାମ କରି ନାହାଁନ୍ତି କହି ମୂଲିଆମାନଙ୍କୁ ଦୋଷ ଦେଇ ଗାଳି ଗୁଲଜ କରି ତଡ଼ି ଦିଏ । ଏହିପରି ଭାବେ ବାୟା ମୂଲିଆମାନଙ୍କୁ ଠକେ ।

ଜ. ବାୟାକୁ କିଏ ଶିକ୍ଷା ଦେଲା ?

ଉ. ବାୟାକୁ, ବନ ବୋଲି ଜଣେ ସ୍କୁଲ୍‌ର ଛାତ୍ର ଶିକ୍ଷା ଦେଲା ।

ଝ. ପ୍ରଧାନ ଶିକ୍ଷକ ବନକୁ କୁଣ୍ଢାଇ ପକାଇ କ'ଣ କହିଲେ ?

ଉ. ପ୍ରଧାନ ଶିକ୍ଷକ ବନକୁ କୁଣ୍ଢାଇ ପକାଇ କହିଲେ ବନରେ ତୁ ମୋତେ ଆଜି ମହାଶିକ୍ଷା ଦେଲୁ ।

ଞ. ତା'ପରେ ବାୟା କ'ଣ କଲା ?

ଉ. ତା'ପର ଦିନଠାରୁ ବାୟା ନିଜେ ନିଜେ ବଗିଚା କାମ କଲା । ଆଉ ମୁଲିଆ ଲଗାଇଲା ନାହିଁ ।

ଟ. ବନ କାହିଁକି ଖୁସି ହେଲା ?

ଉ. ଉପଯୁକ୍ତ ଶିକ୍ଷା ପାଇବା ପରେ ବାୟା ନିଜେ ବଗିଚା କାମ କଲା ଆଉ ମୂଲ ଲଗାଇଲା ନାହିଁ, ଏହା ଦେଖି ବନ ଭାରି ଖୁସି ହେଲା ।

**୨. ବାକ୍ୟଗଠନ କର ।**

ବଗିଚା – ଆମ ବିଦ୍ୟାଳୟର ବଗିଚାରେ ବିଭିନ୍ନ ପ୍ରକାର ଫୁଲଗଛ ଅଛି ।

ପାଠୁଆ – ଦରି ବାବୁ ଆମ ଗାଁର ଜଣେ ପାଠୁଆ ଲୋକ ।

ମହାତ୍ମା – ଗୋପବନ୍ଧୁ ଦାସ ଜଣେ ମହାତ୍ମା ବ୍ୟକ୍ତି ଥିଲେ ।

ପିଅନ – ରଘୁ ଆମ ବିଦ୍ୟାଳୟର ଏକ ବିଶ୍ୱସ୍ତ ପିଅନ ଅଟେ ।

ମଳିମୁଣ୍ଡିଆ – ଆମ ଗ୍ରାମରେ ଅନେକ ଲୋକ ମଳିମୁଣ୍ଡିଆ ଅଟନ୍ତି ।

ମଜୁରୀ – ରଘୁର ଦୈନିକ ମଜୁରୀ ତିରିଶଟଙ୍କା ଅଟେ ।

ପେଟେ – ଆମ ପୋଷା କୁକୁର ପେଟେ ଖାଇ ଶୋଇଛି ।

ମୂଲିଆ – ସୁର ମୂଲିଆ କାମ କରେ ।

ଗାଳିଗୁଲଜ – ଗୀତା ରାଗରେ ଆସି ଗାଳିଗୁଲଜ କଲା ।

ଆଉଁସି – ମା' ମୋତେ ଗେଲରେ ଆଉଁସି ଦିଏ ।

କଳିତ କରାଳ – ପାଗଳଟିର କଳିତ କରାଳ ବେଶ ଦେଖି ପିଲାଏ ଡ଼ରିଗଲେ ।

ମୁଣ୍ଡ ଖର୍ଚ୍ଚ – ଅନ୍ୟର କଥାରେ ମୁଣ୍ଡ ଖର୍ଚ୍ଚ କର ନାହିଁ ।

ମାଲିକ – ଗୋପାଳ ଦୁଇ ଏକର ଜମିର ମାଲିକ ।

କୁଣ୍ଢାଇ ପକାଇବା – ପିଲାଟି ଅତି ଆଦରରେ ତା'ର ମା'କୁ କୁଣ୍ଢାଇ ପକାଇଲା ।

**୩. ଶବ୍ଦ ଅର୍ଥ ଲେଖ ।**

ପଟାଳି – ଜମିର ଛୋଟ ଛୋଟ ଅଂଶ

ଦିହମହନ୍ତ – ଶ୍ରେଷ୍ଠ ବ୍ୟକ୍ତି

ଛି ଛା – ଘୃଣା ପ୍ରକାଶ

ମଳିମୁଣ୍ଡିଆ – ଅସଭ୍ୟ

ମଜୁରୀ – ଶ୍ରମ

ଗାଳିଗୁଲଜ – ଅପଶବ୍ଦ

କାନମୁଣ୍ଡା – କାନମୂଳ

ଢଙ୍ଗଢାଙ୍ଗ – ଚାଲିଚଳନ

କୁଣ୍ଢାଇ ପକାଇବା – ଆଲିଙ୍ଗନ କରିବା

**୪. ବିପରୀତ ଅର୍ଥ ଲେଖ ।**

ଗାଧୁଆ – ଅଗାଧୁଆ

ମଠୁଆ – ଫୁର୍ତ୍ତି

ଚତୁର – ବୋକା

ସୁନ୍ଦର – ଅସୁନ୍ଦର

ଚାଲାକି – ବୋକା